# Akashvani, Sambalpur

## SAMBALPURI NEWS EVENING BULLETIN

## 12 September 2026-7.02- 7.12 pm.

---

୧- ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ନ ଆଏଜ୍‌ଠାନୁ ମୁଲ୍ ହେଲା ୧୮ ନମ୍ବର୍ ବ୍ରିକ୍ସ ଶିଖର୍ ସମ୍ମିଳନୀ ।

- ନୂଆଁ ଆଉ ମହତ୍ୱାକାଂକ୍ଷୀ ରୂପରେଖ ପ୍ରସ୍ତୁତ୍ ଉପ୍‌ରେ କାମ୍ କର୍‌ବାର୍‌କେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରମାନ୍‌କୁ ଆହ୍ୱାନ୍ ଦେଲେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୨- ସାରା ରାଏଜେ ଅଦାଲତ୍ ମାନ୍‌କେ ଅନୁଷ୍ଠିତ୍ ହେଇଛେ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ।

୩- ଡଲ୍‌ଫିନ୍ ସଂରକ୍ଷଣ୍‌କେ ପ୍ରୋତ୍ସାହିତ୍ କର୍‌ବାର୍ ଲାଗି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ଡଲ୍‌ଫିନ୍ ଦିବସ୍ ।

ଆଉର୍

୪- ଲଘୁଚାପ୍ ପ୍ରଭାବ୍‌ଥି ୭ ଟା ଜିଲ୍ଲା ନ ଜବର୍ ବର୍ଷା ହେବା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସତର୍କ ସୂଚ୍‌ନା ।

ପି.ଏମ୍. -ବ୍ରିକ୍ସ ଆଡ୍ରେସ୍ ଆର୍ଏନ୍ୟୁ/ କଟକ୍

ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ଠାନେ ଆଏଜ୍ଠାନୁ ୨ ଦିନିଆ ୧୮ ନମ୍ବର ବ୍ରିକ୍ସ ଶିଖର୍ ସମ୍ମିଲନୀ ମୁଲ୍ ହେଇଛେ । ପହେଲା ଦିନ ଅଧିବେଶନ୍ଥି ପ୍ରଧାନ୍ମନ୍ତ୍ରୀଙ୍କର୍ ପ୍ରସ୍ତାବିତ୍ ଘୋଷ୍ନାପତ୍ର ସର୍ବସମ୍ମତିଥି ଗୃହୀତ୍ ହେଇଛେ । ନୂଆଦିଲ୍ଲୀ ଘୋଷ୍ନାନାମା ପ୍ରକାଶ୍ ପରିପ୍ରେକ୍ଷୀଥି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍, ଇ ଘୋଷଣାପତ୍ର ସଦସ୍ୟ ଦେଶ୍ମାନ୍କର୍ ସହଭାଗୀ ସଂକଳ୍ପକେ ପ୍ରତିପାଦନ୍ କରୁଛେ । ହେଲେ ଇତାର୍ କାର୍ଯ୍ୟାନ୍ୱୟନ୍ ଫି' ଅଂଶୀଦାର୍ ରାଷ୍ଟ୍ରର୍ ସହଭାଗୀ ଦାୟିତ୍ୱ ବଲି ଶ୍ରୀ ମୋଦୀ କହିଛନ୍ ।

ପ୍ରଧାନ୍ମନ୍ତ୍ରୀ- ପ୍ରତିନିଧିତ୍ୱ, ପ୍ରତିକ୍ରିୟାଶୀଳତା ଆଉ ନୀତି ନିର୍ଦ୍ଧାରଣଥି ସଂସ୍କାର୍ ଜରିଏ ଅନ୍ତର୍ଜାତୀୟ ସ୍ତରୀୟ ସଂସ୍ଥାଗତ ଢାଂଚା ପରିବର୍ତନ୍ ଉପ୍ରେ ଜୋର୍ ଦେଉଛନ୍ । ପରିବର୍ତିତ ବୈଶ୍ୱିକ ପରିସ୍ଥିତିଥି ଇଟା ଦର୍କାର୍ ବଲି ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର୍- ମୋଦୀ)

ବ୍ରିକ୍ସ ସଂଗଠନ୍‌ର ୨୦ ବଛର୍ ପୂର୍ତି ପାଲନ୍ ଅବ୍‌ସରେ ସଦସ୍ୟ ରାଷ୍ଟ୍ରମାନ୍‌କର୍ ନେତୃବୃନ୍ଦମାନ୍‌କର୍ ତର୍‌ଫୁ ୨ ଟା ସ୍ମାରକୀ ଡାକଟିକଟ ଉନ୍ମୋଚିତ ହେଇଛେ ।

ସମ୍ମିଲନୀର୍ ଉଦ୍‌ଘାଟନୀ ସମାରୋହକେ ସମ୍ବୋଧନ୍ କରିକରି ଶ୍ରୀ ମୋଦୀ - ପ୍ରତିବର୍ତନ୍ ଅଧ୍ୟକ୍ଷତା ପରିବର୍ତନ୍ ସତ୍ୱେ ବ୍ରିକ୍ସ ସଦସ୍ୟ ଗୋଷ୍ଠୀର ସଂସ୍ଥାଗତ ଗତିଶୀଳତା ବଜାୟ ରଖ୍‌ବାର୍ ଉପ୍‌ରେ ଜୋର୍ ଦେଇଥିଲେ । ଇଥିର୍‌ଲାଗି ବ୍ରିକ୍ସ ନିରନ୍ତରତା ଆଉ କାର୍ଯ୍ୟାନ୍ୱୟନ୍ ବ୍ୟବସ୍ଥା ଉପ୍‌ରେ ସେ ପ୍ରସ୍ତାବ୍ ଦେଇଛନ୍ । ଆଏବା ୨୦ ବଛର୍ ଲାଗି ନୂଆଁ ଆଉ ମହତ୍ୱାକାଂକ୍ଷୀ ରୂପରେଖ ପ୍ରସ୍ତୁତ୍ ଉପ୍‌ରେ କାମ୍ କର୍‌ବାର୍‌କେ ଶ୍ରୀ ମୋଦୀ ବ୍ରିକ୍ସ ସଦସ୍ୟ ରାଷ୍ଟମାନ୍‌କୁ ଆହ୍ୱାନ୍ ଦେଇଛନ୍ ।

କୋରାପୁଟ୍ କଫି- ବ୍ରିକ୍ସ ସମ୍ମିଲନୀ ଆଇ.ଆଣ୍ଡ୍.ପି.ଆର୍

ନୂଆଦିଲ୍ଲୀ ଠାନେ ହଉଥିବା ବ୍ରିକ୍ସ ସମ୍ମିଲନୀଥି ଯୋଗ୍ ଦେଇଥିବା ଅତିଥିମାନ୍‌କୁ କୋରାପୁଟ୍‌ର ପୂର୍ବଘାଟ ପର୍ବତ୍‌ମାଲା ନ ଆଦିବାସୀ ଚାଷୀମାନେ ଉତ୍ପାଦନ୍ କରିଥିବା ପ୍ରିମିୟମ୍

ଆର୍‌ବିକା କଫି (ଟାଇଗର୍ ବ୍ରାଇଟ୍) ଉପହାର୍ ଦିଆଯାଇଛେ । ଇଟା ବିଶ୍ୱବାସୀଙ୍କୁ ଓଡ଼ିଶାର୍ ସ୍ୱାଦ ସାଙ୍ଗେ ପରିଚିତ କରାବାର୍ ସହେତେ ଆଦିବାସୀ ଉଦ୍ୟୋଗ୍ ମୂଲ୍ୟବୃଦ୍ଧି  ଆଉ ସ୍ଥାୟୀ ଜୀବିକାଥି ବହୁତ୍‌ଟେ ସମ୍ଭାବନାକେ ଦର୍ଶଉଛେ । ଭୋକାଲ୍ ଫର୍ ଲୋକାଲ୍‌ର ନାରାକେ ପ୍ରତିଫଳିତ୍ କରିକରି କଫି ଏଛେନ ଅନ୍ତର୍ଜାତୀୟ ସ୍ତର୍ ନ ଓଡ଼ିଶା ଲାଗି ଖ୍ୟାତି ଆନିଦେଇଛେ ।

ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍        କଟକ୍/ କଲାହାଣ୍ଡି ସମ୍ବାଦଦାତା

ଓଡ଼ିଶା ହାଇକୋର୍ଟ ଲିଗାଲ୍ ସର୍ଭିସେସ୍ କମିଟି ତରଫୁ ହାଇକୋର୍ଟ  ନ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ଆୟୋଜନ୍ କରାଯାଇଥିବାର୍ ବେଲେ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ୍ ତର୍‌ଫୁ ରାଜ୍ୟର୍ ଭିନ୍ ଭିନ୍ ଅଦାଲତ୍ ନ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ହେଇଯାଇଛେ । ଆଝିର୍ ଲୋକ୍ ଅଦାଲତ୍ ଲାଗି ରାଜ୍ୟର୍ ଭିନ୍ ଭିନ୍ ଅଦାଲତ୍ ନ ଦେଢ଼୍ ଲାଖ୍ ନୁ ଅଏତ୍‌କା ମାମ୍‌ଲା ତାଲିକାଭୁକ୍ତ କରାଯାଇଥିଲା । ଓଡ଼ିଶା ହାଇକୋର୍ଟର ୧୨ ଟା

କୋର୍ଟ ନ ଆପୋଷ ଫଏସଲା କରାଯାଇଛେ । ହାଇକୋର୍ଟ ନ ଆଏଜ୍ ମୋଟ୍ ଶହେ ୭୫ ଟା ଭିନ୍ ଭିନ୍ ମାମ୍ଲାର୍ ସମାଧାନ୍ କରାଯାଇଛେ । ସେ ଭିତ୍ରୁ ମୋଟର୍ ଯାନ ଦୁର୍ଘଟଣା ବାବଦ୍ ମାମ୍ଲା ମାନ୍କର୍ ବିଚାର୍ କରାଯାଇକରି କ୍ଷତିଭର୍ନା ବାବ୍ଦେ ୧୯ କୋଟି ୬୫ ଲାଖ୍ ୭୫ ହଜାର୍ ଅଏତ୍କା ଟଙ୍କା ଦେବାର୍କେ ନିର୍ଦ୍ଦେଶ୍ ଦିଆଯାଇଛେ ।

କଲାହାଣ୍ଡି ଜିଲ୍ଲା ନ ୩ ନମ୍ବର୍ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ଥି ଭିନ୍ ଭିନ୍ ଅଦାଲତ୍ ନ ୮ ହଜାର୍ ୨୨ ଟା ମାମ୍ଲାର୍ ଫସସଲା କରାଯାଇଥିଲା । ସେ ଭିତ୍ରୁ ୨୩ ଟା ମୋଟର୍ ଯାନ ଦୁର୍ଘଟଣା ମାମ୍ଲାର୍ ଫଏସଲା କରାଯାଇକରି ୨ କୋଟି ୭୦ ଲାଖ୍ ୪୯ ହଜାର୍ ଟଙ୍କା ଦିଆଯାଇଛେ ।

ଫଂଚାୟତ ନିର୍ବାଚନ୍        ଆର୍ଏନ୍ୟୁ/ କଟକ୍

ରାଏଜେ ଆଏବା ଫଂଚାୟତ୍ ଆଉ ପୌର ନିର୍ବାଚନ୍ ଲାଗି ସୀମା ନିର୍ଦ୍ଧାରଣ କାମ୍ ଜାରି ରହିଛେ ବଲି ଗୃହ ନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ନିର୍ବାଚନ୍

ଆଘୋନୁ ସୀମା ନିର୍ଦ୍ଧାରଣ୍ ଗୁଟେ ଗୁରୁତ୍ୱପୂର୍ଣ୍ଣ କାମ୍ ଆଏ । ଇ ବାବ୍‌ଦେ ଜିଲ୍ଲାପାଲ୍ ମାନ୍‌କେ ଚିଠି ଜରିଏ ନିର୍ଦ୍ଦେଶ୍ ଦିଆଯାଇଛେ । ୱାର୍ଡ଼୍ ସୀମା ନିର୍ଦ୍ଧାରଣ୍ ଆଉ ସଂରକ୍ଷଣ୍ ବ୍ୟବସ୍ଥା ଉପ୍‌ରେ କାମ୍ କର୍‌ବାର୍‌କେ ଜିଲ୍ଲାପାଲ୍‌ମାନ୍‌କୁ ଚିଠି ଜରିଏ ଅବଗତ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ ।

ରେଳପଥ ସମୀକ୍ଷା        ଆର୍‌ଏନ୍‌ୟୁ/ ସମ୍ବଲପୁର

ପୂର୍ବତଟ ରେଲ୍‌ପଥ୍ ମହାପ୍ରବନ୍ଧକ୍ ପରମେଶ୍ୱର୍ ଫୁଙ୍କ୍‌ୱାଲ୍ ରାୟଗଡ଼ା- କୋରାପୁଟ୍- ଜୟପୁର୍ ରେଲ୍ ସେକ୍ସନ୍ ପରିଦର୍ଶନ୍ କରିକରି ଟ୍ରେନ୍ ପରିଚାଳନା, ସୁରକ୍ଷା ଆଉ ଭିତିଭୂମି ବିକାଶ୍ କାମ୍‌ର ସମୀକ୍ଷା କରିଛନ୍ । ସିଙ୍ଗାପୁର୍ ରୋଡ଼୍- କୋରାପୁଟ୍ ରେଲ୍ ସେକ୍ସନ୍‌ଥି ଚାଲୁ ରହିଥିବା ରେଲ୍‌ପଥ୍ ଦୋହରୀକରଣ୍ କାମ୍‌ର ଅଗ୍ରଗତି ଅନୁଧ୍ୟାନ୍ କରିଛନ୍ । ଇତାର୍‌ସହେତେ ଭିନ୍ ଭିନ୍ ଷ୍ଟେସନ୍‌ଥି ଯାତ୍ରୀ ସୁବିଧା, ପରିମଳ ବ୍ୟବସ୍ଥା ଆଉ ଅମୃତ୍ ଭାରତ୍ ଷ୍ଟେସନ୍ ଯୋଜ୍‌ନା ଅଧୀନ୍‌ଥି କାମ୍ ଜାରି

ରହିଛେ । ନିର୍ମାଣାଧୀନ୍ କାମ୍‌ମାନ୍‌କୁ ଧାରିଜ୍ ସମିଆ ଭିତ୍‌ରେ ସାର୍‌ବାର୍ ଲାଗି ଶ୍ରୀ ଫୁଙ୍କ୍‌ୱାଲ୍ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଦାବାଗ୍ନି ଲୀଳା       ପୁରୀ ସମ୍ବାଦଦାତା

ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍‌ରୁ ଚାଲି ଆସୁଥିବା ନୀତି କ୍ରମଥି ଆଏଜ୍ ସନ୍ଧ୍ୟାଧୂପ ଉତ୍‌ରୁ ଶ୍ରୀମନ୍ଦିର୍ ନ ପବିତ୍ର ଦାବାଗ୍ନି ଲୀଳା ହେବା । ଦାବାଗ୍ନି  ରାକ୍ଷସ କୃଷ୍ଣ ଆଉ ବଳରାମଙ୍କର୍ ସାଙ୍ଗେ ଯୁଦ୍ଧଥି ହାର୍‌ବାର୍ ବିଧିକେ ଶ୍ରୀମନ୍ଦିର୍ ନ ମାଟିମଣ୍ଡପ ସାହି ଆଖଡ଼ା ତର୍‌ଫୁ କରାଯିବା । ଅମାବାସ୍ୟା ତିଥି ନ ଗଲାକାଏଲ୍ ମହାପ୍ରଭୁଙ୍କର୍ ପରମ୍ପରା ଅନ୍‌ସାରେ  ସନ୍ଧ୍ୟାଧୂପ ଉତ୍‌ରୁ ବସ୍ତ୍ରହରଣ ନୀତି ହେଇଥିଲା । ପଛେ ଚନ୍ଦନଲାଗି ନୀତି ଶେଷ୍ ହେଇକରି ବଡ଼ସିଂହାର ବେଶ ଆଉ ଭୋଗ ଉତ୍‌ରୁ ରାତ୍ର ପହୁଡ଼ ହେଇଥିଲା ।

ବିଶ୍ୱ ଡଲଫିନ୍ ଦିବସ ଆର୍ଏନ୍ୟୁ/ ସମ୍ବଲପୁର

ଡଲ୍ଫିନ୍ ବିଷେଥି ସଚେତନତା ସୃଷ୍ଟି ଆଉ ଇତାର୍ ସଂରକ୍ଷଣ୍କେ ପ୍ରୋତ୍ସାହିତ୍ କର୍ବାର୍ ଲକ୍ଷ୍ୟ ନେଇକରି ଆଏଜ୍ ବିଶ୍ୱ ଡଲ୍ଫିନ୍ ଦିବସ୍ ପାଲନ୍ କରାଯାଉଛେ । ୨୦୨୨ ମସିହାଥି ସି.ସେଫରେଡ୍ ଗ୍ଲୋବାଲ୍ର ଚେଷ୍ଟା ଆଉ ସମର୍ଥନ୍ ଲାଗି ବିଶ୍ୱ ଡଲ୍ଫିନ୍ ଦିବସ୍ ଫି' ବଛର୍ ସେପ୍ଟେମ୍ବର୍ ମାସର୍ ୧୨ ତାରିଖ୍ ଦିନ ପାଲନ୍ କରାଯାଉଛେ । ପୁର୍ଥି ନ ୪୨ ଟା ଜାତିର୍ ଡଲ୍ଫିନ୍ ଅଛନ୍ । ଦେଶେ ୬ ହଜାର୍ ୩ ଶହ ୨୭ ଡଲ୍ଫିନ୍ ଥିବା ଗୁଟେ ଆକଲନ୍ନୁ ଜନାପଡ଼ିଛେ । ଓଡ଼ିଶା ନ ମୋଟ୍ ୭ ଶହ ୧୦ ଡଲ୍ଫିନ୍ ରହିଛନ୍ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ବନ୍ୟପ୍ରାଣୀଙ୍କର୍ ସଂରକ୍ଷଣ୍ ଚେଷ୍ଟାକେ ବର୍କସ୍ କର୍ବାର୍ ଲାଗି ପଦକ୍ଷେପ୍ ଗ୍ରହଣ୍ କରାଯାଉଛେ । ସେନର୍ ଲୋକ୍ ଆଉ ଗାଁର୍ ଲୁକେ ଭାଗ୍ ନେଇକରି ଡଲ୍ଫିନ୍ ସଂରକ୍ଷଣ ସହେତେ ସଚେତନତା ଉପ୍ରେ ପ୍ରଧାନ୍ମନ୍ତ୍ରୀ ଖାସ୍ କରି ଜୋର୍ ଦେଉଛନ୍ । ସ୍ତନ୍ୟପାୟୀ ପ୍ରାଣୀ ଡଲ୍ଫିନ୍ର ସଂରକ୍ଷଣ ଲାଗି ବ୍ୟକ୍ତିବିଶେଷ୍ ଆଉ ସଂଗଠନ୍ମାନ୍କୁ ଯତନ୍

ନେବାର୍ ଲକ୍ଷ୍ୟଥି ବିଶ୍ୱ ଡଲ୍‌ଫିନ୍ ଦିବସ୍ ଆଉ ଉତମ୍ ସୁଯୋଗ୍ ପ୍ରଦାନ୍ କରୁଛେ ।

ନନ୍ଦନ୍ କାନନ ବିଦେଶୀ ପକ୍ଷୀ ଆର୍‌ଏନ୍‌ୟୁ/ କଟକ୍

ନନ୍ଦନ କାନନ ପ୍ରାଣୀ ଉଦ୍ୟାନ୍‌କେ ଗୁଜୁରାଟ୍‌ର ରାଧାକୃଷ୍ଣମନ୍ଦିର୍ ହାତୀ କଲ୍ୟାଣ୍ ଟ୍ରଷ୍ଟ ତର୍‌ଫୁ ୧୪ ପ୍ରଜାତିର୍ ୫୮ ଟା ବିଦେଶୀ ପ୍ରାଣୀ ଆସିଛନ୍ । ସେମାନ୍‌କୁ ବନ୍ୟପ୍ରାଣୀ ଚିକିତ୍ସକଙ୍କର୍ ତର୍‌ଫୁ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାର୍ ଉତ୍‌ରୁ ପ୍ରାଣୀ ଉଦ୍ୟାନ୍ ସଂଘରୋଧ ଘରେ ଆଉ ସ୍ୱତନ୍ତ୍ର ଖୁଆଡ଼ ନ ରଖାଯାଇଛେ । ୧୪ ପ୍ରଜାତି ଭିତ୍‌ରୁ ୧୦ ଟା ନୂଆଁ ପ୍ରଜାତିର୍ ପ୍ରାଣୀ ଇଥି ରହିଛନ୍ । ଇମାନ୍‌କର୍ ଭିତ୍‌ରେ ଜେବ୍ରା, କଙ୍ଗାରୁ, ବେନେଟ୍‌ସ୍ ୱାଲାବୀ ଆଉ ମକାଓ ସାମିଲ୍ ଅଛନ୍ । ପ୍ରାଣୀ ଉଦ୍ୟାନ୍‌ଥି ମୋଟ୍ ପ୍ରଜାତି ସଂଖ୍ୟା ଶହେ ୮୮ କେ ବଢ଼ିଛେ ।

ସେବା ସଂକଳ୍ପ ପର୍ବ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଆଏବା ୧୭ ତାରିଖ୍‌ନୁ ଅକ୍ଟୋବର୍ ୧୭ ତାରିଖ୍‌ତକ୍ ସେବା ସଂକଳ୍ପ ପର୍ବ ପାଲନ୍ ଅବ୍‌ସରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ସବୁ କାର୍ଯ୍ୟକ୍ରମ୍‌କେ ଭଲ୍ କରି ଆୟୋଜନ୍ କର୍‌ବାର୍ ସହେତେ ଭିନ୍ ଭିନ୍ ବିଭାଗ୍ ଭିତ୍‌ରେ ସମନ୍ୱୟ ଆଉ ସହଯୋଗ୍ ରଖିକରି ଗୁଟେ ସଫଲ୍ ଅଭିଯାନ୍ କର୍‌ବାର୍‌କେ ଅଧିକାରୀମାନ୍‌କୁ ପରାମର୍ଶ ଦିଆଯାଇଥିଲା । ମାସେତକ୍ ଚାଲ୍‌ବାର୍‌କେ ଥିବା ସେବା ସଂକଳ୍ପ ପର୍ବ୍‌ଥି ୧୧ ଟା ପ୍ରମୁଖ କାର୍ଯ୍ୟକ୍ରମ୍ ଆୟୋଜନ୍ କର୍‌ବାର୍‌କେ ବୈଠକ୍‌ଥି ସ୍ଥିର୍ କରାଯାଇଥିଲା ।

ପ୍ଲାଷ୍ଟିକ୍ ମୁକ୍ତ ଖାଦ୍ୟ ମେଳା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ବାୟୁ ପ୍ରଦୂଷଣ୍ ସଚେତନତା ହପ୍ତା ପାଲନ୍ ଅବ୍‌ସରେ ଆମ ଖାଦ୍ୟ ଆମ ସଂସ୍କୃତି - ପ୍ଲାଷ୍ଟିକ୍ ମୁକ୍ତ ଖାଦ୍ୟ

ମେଳା ସହରର୍ ମର୍ଜାକୁଦର କଲ୍ୟାଣ୍‌ମଣ୍ଡପ୍ ଠାନେ ହେଇଯାଇଛେ । ଇ ମେଳାଥି ସ୍ଥାନୀୟ ଆଉ ପାରମ୍ପରିକ୍ ଖାଦ୍ୟ ତିଆର୍ କରିକରି ପରିବେଶ୍ ଅନୁକୂଲ୍ କଟ୍‌ଲେରୀଥି ଖାଦ୍ୟ ପରିବେଷଣ୍ କରାଯାଇଥିଲା । ଇତାର୍‌ଜରିଏ ଜିଲ୍ଲାର ଖାଦ୍ୟ ପରମ୍ପରା ଆଉ ସଂସ୍କୃତି ସଙ୍ଗେ ପରିବେଶ୍ ସୁରକ୍ଷାର୍ ବାର୍ତା ପ୍ରଚାର୍ କରାଯାଇଥିଲା । ମେଳାଥି ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍ ଯୋଗ୍ ଦେଇଥିଲେ ।

ବାଲ୍ୟ ବିବାହ ନିଷେଧ          ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ସମାଜ୍ ମଙ୍ଗଳ ବିଭାଗ୍ ତର୍‌ଫୁ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ବାଲ୍ୟବିବାହ ନିଷେଧ ଅଧିନିୟମ୍-୨୦୦୬ ବାବଦ୍ ଗୁଟେ ଦିନ୍‌କିଆ ତାଲିମ୍ ଶିବିର୍ ହେଇଯାଇଛେ । ଇଥି ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କର୍ ଦାୟିତ୍ୱ ରାଜ୍ୟ ସର୍‌କାର୍‌ଙ୍କର୍ ନିୟମ୍ ଅନ୍‌ସାରେ ଗ୍ରାମାଂଚଲ୍ ଆଉ ସହରାଂଚଲ୍ ନ ବାଲ୍ୟ ବିବାହ ଅଟ୍‌କାବାର୍ ଲାଗି ପଂଚାୟତ୍

ନିର୍ବାହୀ ଅଧିକାରୀଙ୍କର୍ କର୍ତବ୍ୟ, ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ୍ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋସାଗର୍ ଆଉ ତାର୍ ପାଖର୍ ଇଲାକା ନ ସକ୍ରିୟ ଲଘୁଚାପ୍ କ୍ଷେତ୍ର ପଶ୍ଚିମ-ଉତର୍ ପଶ୍ଚିମ ଦିଗ୍ ଦେଇକରି ଉତର୍ ଉପକୂଳ ଆନ୍ଧ୍ରପ୍ରଦେଶ୍ ଆଉ ଦକ୍ଷିଣ ଓଡ଼ିଶା ଆଡ଼୍‌କେ ଗତି କରୁଛେ । ଇତାର୍ ପ୍ରଭାବଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଆଏବା ୨୪ ଘଂଟା ଭିତ୍‌ରେ ଜବର୍ ବର୍ଷା ହେବା ବଲି ବର୍‌ଗଡ଼୍, ନୂଆପଡ଼ା, ବଲାଙ୍ଗିର୍, କଲାହାଣ୍ଡି, ନବରଙ୍ଗ୍‌ପୁର୍, କୋରାପୁଟ ଆଉ ମାଲ୍‌କାନ୍‌ଗିରି ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ପାଖାପାଖି ସବୁ ଜିଲ୍ଲା ନ ଚଡ଼କ୍ ମାର୍‌ବାର୍ ସହେତେ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ । ସବୁ ବନ୍ଦର୍ ମାନ୍‌କେ ୩ ନମ୍ବର୍ ବିପଦ୍ ସଂକେତ୍ ଜାରି କରାଯାଇଥିବାର୍

ବେଳେ ମତ୍ସ୍ୟଜୀବୀମାନ୍‌କୁ ସମୁଦ୍ର ଭିତର୍‌କେ ଯିବାର୍‌କେ ମନା କରାଯାଇଛେ ।